# ୨୦ ଲକ୍ଷ ଟଙ୍କା ହଡ଼ପ କରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗିରଫ



ବାଲିଗୁଡା/ଫୁଲବାଣୀ, (ସବ୍ୟୁ): ନ୍ୟାଶନାଲ ପେନ୍ସନ୍ ସିଷ୍ଟମ(ଏନ୍ପିଏସ୍)ର ୨୦ ଲକ୍ଷ ଟଙ୍କା ହଡ଼ପ କରି ଭିଜିଲାନ୍ସ ପଞ୍ଝାରେ ପଡ଼ି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବିଇଓ ରସାନନ୍ଦ କର ଗିରଫ ହୋଇଛନ୍ତି ।

ବୁଧବାର ତାଙ୍କୁ ଦାରିଙ୍ଗବାଡ଼ିରୁ ଭିଜିଲାନ୍ସ ଉଠାଇ ନେଇ ଫୁଲବାଣୀରେ ପଚରାଉଚରା କରିବା ପରେ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି । ଭିଜିଲାନ୍ସ ଡିଏସ୍ପି ହେମନ୍ତ କୁମାର ମହାନ୍ତିଙ୍କ ସୂଚନା ପ୍ରକାରେ କାର୍ଯ୍ୟରତ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ପାଇଁ ରହିଥିବା ନ୍ୟାଶନାଲ ପେନ୍ସନ୍ ସିଷ୍ଟମର ୨୦ଲକ୍ଷ ଟଙ୍କାକୁ ଦୁଇଟି ପର୍ଯ୍ୟାୟରେ ୧୦ଲକ୍ଷ ଲେଖାଏଁ ଜାନୁଆରୀରେ ବିଇଓ ରସାନନ୍ଦ କର ନିଜ ଦରମା ଆକାଉଣ୍ଟକୁ ନେଇଥିଲେ ଯାହାକି ସରକାରୀ ପଦବୀର ଅପବ୍ୟବହାର କରି ସେଏଭଳି ଚଞ୍ଚକତା କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା ପରେ ଉକ୍ତ ୨୦ ଲକ୍ଷ ଟଙ୍କାକୁ ସେହି ମାସରେ ହିଁ ବିଇଓ ରସାନନ୍ଦ କର ଜୋରଧା ନାମକ ଏକ ବ୍ରେକିଙ୍ଗ ଶେୟାର ମାର୍କେଟରେ ବିନିଯୋଗ କରିଥିଲେ । ତେବେ ଏହି ସରକାରୀ ଅର୍ଥ ହଡ଼ପ କରିଥିବା ଫୁଲବାଣୀ ଭିଜିଲାନ୍ସ ଜାଣିପାରି ପ୍ରାୟ ଦୀର୍ଘ ଏକ ମାସ ଧରି ରସାନନ୍ଦଙ୍କ ଉପରେ ତୀକ୍ଷ୍ଣ ନଜର ରଖି ଆସିବା ସହ ବିଭିନ୍ନ ପ୍ରମାଣ ଯୋଗାଡ଼ କରିବା ପରେ ମଙ୍ଗଳବାର ତାଙ୍କ ବିରୋଧରେ (୬/୨୪) ରେ ଏକ ମାମଲା ରୁଜୁ କରି ବୁଧବାର ସନ୍ଧ୍ୟାରେ ତାଙ୍କୁ ଉଠାଇ ନେଇଥିଲା । ଭିଜିଲାନ୍ସ ଘଟଣାର ଅଧିକ ତଦନ୍ତ କରୁଥିବା କହିବା ସହ ବିଇଓ କରଙ୍କ ବିରୋଧରେ ଅନେକ ଅଭିଯୋଗ ରହିଥିବା ଓ ଏହାର ତଦନ୍ତ କରୁଥିବା ଜଣାପଡ଼ିଛି ।

# ଡବଲ ମର୍ଡର ଘଟଣାରେ ୫ଜଣଙ୍କୁ ଆଜୀବନ ଜେଲ୍



ବ୍ରହ୍ମପୁର, (ସବ୍ୟୁ): ବହୁ ଚର୍ଚ୍ଚିତ ଗଞ୍ଜାମ ଜିଲା ପାଟପୁର ଥାନ ଅଞ୍ଚଳରେ ଘଟିଥିବା ଡବଲ ମର୍ଡର ଘଟଣାର ବିଚାରଣା କରି ବ୍ରହ୍ମପୁର ସ୍ଥିତ ଏଡିଜେ-୧ ଅଦାଲତର ବିଚାରପତି ୫ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଧନୁ ସ୍ୱାଇଁ, ତାଙ୍କ ୪ ପୁଅ ଯଥା ଭଗବାନ ସ୍ୱାଇଁ, ସରୋଜ ସ୍ୱାଇଁ, ଅମିନ ସ୍ୱାଇଁ ଓ କାର୍ତ୍ତିକ ସ୍ୱାଇଁ । ଏହି ମାମଲାରେ ଧନୁ ସ୍ୱାଇଁଙ୍କ ପରିବାରର ୩ ଜଣ ମହିଳା ଅଭିଯୁକ୍ତ ରହିଥିଲେ ମଧ ପ୍ରମାଣ ଅଭାବରୁ ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଜଗନ୍ନାଥପୁର ଗ୍ରାମର ଗୋଲା ସ୍ୱାଇଁ ଓ ଧନୁ ସ୍ୱାଇଁ ୨ ପଡୋଶୀ ଥିଲେ । ଉଭୟ ପରିବାର ମଧ୍ୟରେ କୌଣସି କାଣରକୁ ନେଇ ୨୦୧୩ରେ ଗଣ୍ଡଗୋଳ ହୋଇଥିଲା । ଗୋଲା ସ୍ୱାଇଁ ଓ ତାଙ୍କ ପୁଅମାନେ ଧନୁ ସ୍ୱାଇଁ ଓ ତାଙ୍କ ପୁଅଙ୍କୁ ଆକ୍ରମଣ କରିଥିଲେ । ଏନେଇ ଥାନାରେ ମାମଲା ହୋଇଥିଲା । ଏହି ଗଣ୍ଡଗୋଳର ପ୍ରତିଶୋଧ ନେବା ପାଇଁ ଧନୁ ସ୍ୱାଇଁ ଓ ତାଙ୍କ ପରିବାର ଲୋକେ ଅପେକ୍ଷା କରିଥିଲେ । ୨୦୧୩ ଡିସେମ୍ବର ୨୮ ତାରିଖରେ ଗୋଲା ସ୍ୱାଇଁ, ତାଙ୍କ ପତ୍ନୀ ମାୟା ସ୍ୱାଇଁ ଓ ପୁଅ ରାଜୀବ ସ୍ୱାଇଁ, ନାତୁଣୀ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗୋଲା ସ୍ୱାଇଁ ଓ ତାଙ୍କ ପୁଅ ପୋଖରୀର ପୁରୁଷ ତୁଠରେ ଗାଧୋଉଥିବା ବେଳେ ମାୟା ସ୍ୱାଇଁ ଓ ନାତୁଣୀ ମହିଳା ତୁଠରେ ଗାଧୋଉଥିଲେ । ଏହି ସମୟରେ ଅଭିଯୁକ୍ତ ଧନୁ ସ୍ୱାଇଁ ଓ ୪ ପୁଅ ହାତରେ ଠେଙ୍ଗା, କାତି ଓ କୁରାଢି ଧରି ପୋଖରୀ ତୁଠରେ ପହଞ୍ଚିବା ସହ ଅତର୍କିତ ଭାବେ ଗୋଲା ସ୍ୱାଇଁ ଓ ତାଙ୍କ ପୁଅକୁ ମାରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣ ଯୋଗୁ ଗୋଲା ଓ ତାଙ୍କ ପୁଅ ରାଜୀବଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଏହା ଦେଖି ମାୟା ସ୍ୱାଇଁ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କ ମଧ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ମାୟାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରବର୍ତ୍ତୀ ସମୟରେ ସେ ସୁସ୍ଥ ହୋଇଥିଲେ । ଘଟଣାକୁ ନେଇ ଗୋଲାଙ୍କ ଅନ୍ୟତମ ପୁଅ ପଞ୍ଚୁ ସ୍ୱାଇଁଙ୍କ ଅଭିଯୋଗ ଆଧାରରେ ପାଟପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା । ପୁଲିସ ପ୍ରଥମେ ଧନୁଙ୍କ ସମେତ ତାଙ୍କ ୨ ପୁଅଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ଅନ୍ୟ ଅଭିଯୁକ୍ତମାନେ ଗିରଫ ହୋଇଥିଲେ ।

ଗିରଫ ପରଠାରୁ ଅଭିଯୁକ୍ତମାନେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହୁଥିଲେ । ଏହି ମାମଲାର ବିଚାରଣା ଏଡିଜେ-୧ ଅଦାଲତରେ ଜାରି ରହିଥିବା ବେଳେ ମୋଟ ୧୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ମାମଲାର ତଦନ୍ତ ଅଧିକାରୀ ଜିଆର ମିଶ୍ର ଓ ପ୍ରଦୀପ ଦାସ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି ଅଦାଲତର ବିଚାରପତି ଡ. ଇନ୍ଦୁ ଶର୍ମା ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ଏପିପି ସୌଭାଗ୍ୟ ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ ।

# ଇନ୍ସପେକ୍ଟର ଓ ଉପରିସ୍ଥ ପୋଲିସ ଅଧିକାରୀଙ୍କୁ ନିର୍ବାଚନୀ ତାଲିମ

ବ୍ରହ୍ମପୁର, (ସବ୍ୟୁ): ଗୁରୁବାର ଦିନ ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ତାଲିମ ଶିବିରରେ ନିର୍ବାଚନ ଆଚରଣବିଧି ସମୟରେ ପୁଲିସ ଅଧିକାରୀଙ୍କ ଭୂମିକା ସମ୍ପର୍କରେ ଅବଗତ କରାଯାଇଥିଲା । ପୁଲିସର ଫ୍ଲାଇଙ୍ଗ ସ୍କ୍ୱାର୍ଡ ଗଠନ ହୋଇସାରିଛି ଏବଂ ସେମାନେ ସକ୍ରିୟ ଅଛନ୍ତି ବୋଲି ଏସପି ଡା. ସର୍ବଣା ବିବେକ ଏମ କହିଥିଲେ । ସେହିପରି ୱାରେଣ୍ଟି ଧରପଗଡକୁ ଜୋରଦାର କରିବା ଏବଂ ବିଶୃଙ୍ଖଳାକାରୀଙ୍କୁ କାବୁ କରିବାକୁ ଉପସ୍ଥିତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଓଡ଼ିଶା-ଆନ୍ଧ୍ର ସୀମାନ୍ତ ତଥା ବ୍ରହ୍ମପୁର ପୁଲିସ ଜିଲାକୁ ଲାଗିଥିବା ଶ୍ରୀକାକୁଲମ ଜିଲାର ସୀମାନ୍ତ ଅଞ୍ଚଳରେ ୬ଟି ଚେକପୋଷ୍ଟ ଚିହ୍ନଟ କରାଯାଇଛି । ସେହିପରି ସୀମାନ୍ତ ଅଞ୍ଚଳରେ ଥିବା ଅନ୍ୟ ଗଳାବାଟ ମଧ ପୁଲିସ ନଜରରେ ରହିଛି । ଏହି ଚେକପୋଷ୍ଟ ଗୁଡିକରେ ପୁଲିସ ପକ୍ଷରୁ ନିୟମିତ ଯାଞ୍ଚ କରାଯିବ ବୋଲି ଏସ୍‌ପି କହିଥିଲେ । ଅନ୍ୟପକ୍ଷରେ ନିର୍ବାଚନକୁ ଦୃଷ୍ଟିରେ ରଖି ସହରର ସମସ୍ତ ଥାନା ଅଞ୍ଚଳରେ ପୁଲିସ ଏବଂ ବିଏସଏଫ ଯବାନଙ୍କ ମିଳିତ ଫ୍ଲାଗମାର୍ଚ୍ଚ ଶେଷ ହୋଇଛି ବୋଲି ମଧ ସେ ସୂଚନା ଦେଇଥିଲେ । ବୈଠକରେ ଅତିରିକ୍ତ ଏସପି ଅସୀମା ପଣ୍ଡା, ରମେଶଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବାରିପଦାରେ ଫ୍ଲାଗମାର୍ଚ୍ଚ



ବାରିପଦା, (ସବ୍ୟୁ) : ଚଳିତ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳା, ଅବାଧ, ନିରପେକ୍ଷ ଓ ଭୟମୁକ୍ତ ଭାବରେ ପରିଚାଳନା କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ପୋଲିସ ପକ୍ଷରୁ ଗୁରୁବାର ଅପରାହ୍ନରେ ବାରିପଦା ଟାଉନ ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି ।

ଏହି ଫ୍ଲାଗମାର୍ଚ୍ଚ କୃଷ୍ଣଚନ୍ଦ୍ର ଗୋଲେଇ ଠାରୁ ଆରମ୍ଭ ହୋଇ ଶୂନଗଡିଆ, ତୁଳସୀଚଉରା, ବାଘରାରୋଡ, ଦାରଗାଡାହି ଆଦି ଅଞ୍ଚଳରେ ମୟୂରଭଞ୍ଜ ଜିଲ୍ଲା ପୋଲିସ ସିଆଇପିଏଫ ଫୋର୍ସ ଓ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ମାନେ ଏହି ଫ୍ଲାଗମାର୍ଚ୍ଚରେ ଉପସ୍ଥିତ ଥିଲେ । ମୟୂରଭଞ୍ଜ ଏସପି ଏସ.ସୁଶ୍ରୀଙ୍କ ନେତୃତ୍ୱରେ ଅତିରିକ୍ତ ଏସପି ଉମାଶଙ୍କର ମହାରଣା, ଉମେଶ କୁମାର ପଣ୍ଡା, ନୋଡାଲ ଅଫିସର ଦଳମଣୀ ଭୋଇ, ବାରିପଦା ଏସଡିପିଓ ସୁଜିତ ପ୍ରଧାନ ପ୍ରମୁଖଙ୍କ ସହ ବାରିପଦା ଟାଉନ ଥାନା ଅଧିକାରୀ ସୁମିତ ସୋରେନ୍ ଓ ଭଞ୍ଜପୁର ଥାନା ଅଧିକାରୀ କରୁଣାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଫ୍ଲାଗମାର୍ଚ୍ଚ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଚାଲୁ ରହିବ ବୋଲି ମୟୂରଭଞ୍ଜ ଏସପି ସୂଚନା ଦେଇଛନ୍ତି ।

# ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ, ତିନି ଗିରଫ



ବାଲିଗୁଡା, (ସବ୍ୟୁ): ପୁଲିସ ପଞ୍ଝାରେ ପଡିଛି ଆନ୍ତରାଜ୍ୟ ଗଞ୍ଜେଇ ଚାଲାଣକାରୀ ରାକେଟ। ଯାହାକୁ ନେଇ ପୁଲିସ ଏବେ ଚଳଚଞ୍ଚଳ ହୋଇ ପଡିଛି। ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବାଲିଗୁଡା ପୁଲିସ ପକ୍ଷରୁ ବାରଖମା ନିକଟସ୍ଥ ଡାବୁଡାକା ଘାଟିରେ ବୁଧବାର ଦିନ ବାଲିଗୁଡା-ଲଣ୍ଡାଗାଁ ରାସ୍ତାରେ ବ୍ଲକିଂ କରି ଗାଡି ମୋଟର ଚେକିଙ୍ଗ କରୁଥିବା ବେଳେ ସେହି ରାସ୍ତା ଦେଇ ଦୁଇଟି କାର ଆସୁଥିବା ବେଳେ ପୁଲିସର ବ୍ଲକିଂ ଓ ଚେକିଙ୍ଗ ଦେଖି ଦୁଇ ଜଣ ଓହ୍ଲାଇ ଦୌଡି ପଳାଇଥିଲେ ।

ଏହି ସମୟରେ ସେଠାରେ ଉପସ୍ଥିତ ଥିବା ବାଲିଗୁଡା ଏସଡିପିଓ ରାହୁଲ ଗୋୟେଲ ଗାଡିରେ ଥିବା ଅନ୍ୟ ତିନି ଜଣଙ୍କୁ କାବୁ କରିଥିଲେ। ଏହା ପରେ ଦୁଇଟି କାରକୁ ପୁଲିସ ଚେକିଙ୍ଗ କରିବା ବେଳେ ସେହି କାରରୁ ୫ଟି ବସ୍ତାରେ ୧୩୨କେଜି ଗଞ୍ଜେଇ ସହ ନଗଦ ୪ ଲକ୍ଷ ଟଙ୍କା ୫ ଟି ମୋବାଇଲ ଜବତ ହୋଇଛି । ଜବତ ଗଞ୍ଜେଇର ଆନୁମାନିକ ୫ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି ।

ଗିରଫ ବ୍ୟକ୍ତି ମାନେ ହେଲେ ରାଉଲକେଲାର ଅଶୋକ ଗିରି, ତାମିଲନାଡୁର ର୍ଲାଦୋ ଆଣ୍ଟୋନୀ ଓ ଜେ.ସେଲଭା କୁମାର ବୋଲି ଜଣାପଡିଛି। ତଦନ୍ତରୁ ଜଣାପଡିଛି ଯେ, ଏହି ଅନ୍ତରାଜ୍ୟ ଗଞ୍ଜେଇ ଚାଲାଣ ରାକେଟ ବାଲିଗୁଡା ଅଞ୍ଚଳରୁ ଗଞ୍ଜେଇ ତାମିଲନାଡୁକୁ ଚାଲାଣ କରୁଥିଲେ ଓ ସେଠାରେ ବିକ୍ରି କରି ମୋଟା ଆଙ୍କର ଅର୍ଥ ରୋଜଗାର କରୁଥିଲେ ବୋଲି ସାମ୍ବାଦିକ ସମ୍ମିଳନୀ କରି ବାଲିଗୁଡା ଏସଡିପିଓ ରାହୁଲ ଗୋୟେଲ ଜଣାଇଛନ୍ତି। ଏଠାକୁ ବ୍ୟବସାୟ କରିବାକୁ ଆସି ଗଞ୍ଜେଇ କ୍ରୟ କରି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି । ଏନେଇ ବାଲିଗୁଡା ଥାନା କେଶ ନଂ. ୭୫/୨୪ରେ ଏକ ମାମଲା ରୁଜୁ କରି ଏସଆଇ ବିକାଶ କୁମାର ଜାଲିଙ୍କୁ ଏହାର ତଦନ୍ତ ଭାର ଦିଆଯିବା ସହ ଅଧିକ ତଦନ୍ତ ଚାଲିଥିବା ବିଷୟ ଏସଡିପିଓ ଶ୍ରୀ ଗୋୟଲ ପ୍ରକାଶ କରିଛନ୍ତି ।

# ଅସମ୍ପୂର୍ଣ୍ଣ ଆମ୍ବହତା କେନାଲ ରାସ୍ତା
# ଆନ୍ଦୋଳନ କରିବେ ଲୋକେ

ଖଇରା, (ସବ୍ୟୁ) : ବିଦ୍ୟାଧରପୁର ଡିଭିଜନ ଅନ୍ତର୍ଗତ ଖଇରା ସବଡିଭିଜନର ଆମ୍ବହତା କେନାଲ ପାର୍ଶ୍ୱ ରାସ୍ତା ନିର୍ମାଣ ହେବାର ବର୍ଷେ ମଧ୍ୟରେ ପୁନର୍ନିର୍ମାଣ କରାଯିବା ନାମରେ ରାସ୍ତାକୁ ୬ମାସ ହେଲା ଖୋଳି ଛାଡି ଦିଆଯାଇଛି । ଯେଉଁଥିପାଇଁ ଯାତ୍ରୀ ମାନେ ବିପଦ ସଂକୁଳ ଅବସ୍ଥାରେ ଯାତାୟତ କରୁଛି । ଠିକାଦାରଙ୍କ ଏଭଳି ବେପରୁଆ କାର୍ଯ୍ୟ ପାଇଁ ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ଘଟୁଛି । ତୁରନ୍ତ ରାସ୍ତାକୁ ସମ୍ପୂର୍ଣ୍ଣ କରାନଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଖଇରା ବ୍ଲକର କୁପାରୀ, ବାଉଁଶଗଡିଆ, ହରିପୁର, ରଟିଣା, ବର୍ତ୍ତନା ଇତ୍ୟାଦି ପଞ୍ଚାୟତର ଜନସାଧାରଣ ଚେତାବନୀ ଦେଇଛନ୍ତି । ଉକ୍ତ ରାସ୍ତାଟି ବାଲେଶ୍ୱରରୁ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନକୁ ସ୍ୱଳ୍ପ ଖର୍ଚ୍ଚ ତଥା ଅଳ୍ପ ସମୟରେ ପହଞ୍ଚିବାକୁ ଦୈନିକ ଶହଶହ ସଂଖ୍ୟାର ଯାତ୍ରୀ ଏହି ରାସ୍ତା ବ୍ୟବହାର କରିଥାନ୍ତି । ରାସ୍ତାକୁ ଉନ୍ନତମାନର କରାଯିବା ଲକ୍ଷ୍ୟରେ ୬କିମିରୁ ୧୬କିମି ପର୍ଯ୍ୟନ୍ତ ରାସ୍ତାକୁ ପିଚୁ କରିବାକୁ ପାଖାପାଖି ୫କୋଟି ଟଙ୍କା ପ୍ରଦାନ କରାଯାଇଥିଲା । କାମ ସମ୍ପୁର୍ଣ୍ଣ ହେବା ପୁର୍ବରୁ ବହୁ ସ୍ଥାନରେ ରାସ୍ତା ଦବିବା ଓ ପିଚୁ ଉଠିବା ନେଇ ଯାତ୍ରୀ ତଥା ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ମାନେ ରାସ୍ତାର ମାନକୁ ନେଇ ପ୍ରଶ୍ନ ଉଠାଇଥିଲେ । ପର୍ଯ୍ୟାପ୍ତ ଅଭିଯୋଗ ତଥା ଡିଭିଜନର ଯନ୍ତ୍ରୀଗଣ ଏ ବିଷୟ ହୃଦୟଙ୍ଗମ କରିବା ପରେ ରାସ୍ତାକୁ ପୁନର୍ନିର୍ମାଣ ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଠିକାଦାର ଚୁଡାନ୍ତ ବିଲ ଅଟକିବା ଭୟରେ ଅନ୍ୟକିଛି ଉପାୟ ନପାଇ ରାସ୍ତାକୁ ପୁନର୍ବାର ନିର୍ମାଣ ପାଇଁ ଖୋଳି ଦେଇଥିଲେ । ହେଲେ ରାସ୍ତା ଖୋଳାଯିବାର ୬ମାସ ବିତି ଯାଇଥିଲେ ହେଁ ସଂପୃକ୍ତ ଠିକାଦାର ରାସ୍ତା ଶେଷ କରିବାର ନାଁଗନ୍ଧ ଧରୁ ନାହାଁନ୍ତି । ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ନରହରି ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ସେ କାର୍ଯ୍ୟରେ ଯୋଗଦେବା ପୁର୍ବରୁ ପୁର୍ବ ଯନ୍ତ୍ରୀଙ୍କ ସମୟରେ କାମ ହୋଇଥିଲା । ସେ ଆସିବା ପରେ ରାସ୍ତା ନିମ୍ନମାନର ହୋଇଥିବା ଉପଲବ୍ଧି କରି ପୁନର୍ନିର୍ମାଣ ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ସେ ମାର୍ଚ୍ଚ ମାସ ସୁଦ୍ଧା ସମ୍ପୁର୍ଣ୍ଣ ନକରନ୍ତି ତାଙ୍କ ଫାଇଲ ବନ୍ଦ କରାଯାଇ ନୂତନ ଠିକାଦାରଙ୍କୁ ଏହା ଦିଆଯିବ ବୋଲି କହିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ

ରମ୍ଭା, (ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହ ପରିସରରେ କଣ୍ଢେଇ ଦିବସ ଅନୁଷ୍ଠିତ ହୋଇଯାଇଛି। ଅଭିଭାବିକା ତଥା ପୂର୍ବତନ ଛାତ୍ରୀ ସୁଜାତା କୁମାରୀ ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କଣ୍ଢେଇ ମେଳର ଉଦ୍ଦେଶ୍ୟ ଓ ଶିଶୁଙ୍କ ମନରେ କୌତୁହଳ ସୃଷ୍ଟି କରିବାରେ କଣ୍ଢେଇର ଆବଶ୍ୟକତା ରହିଛି ବୋଲି ଅଭିବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ, ଶିଶୁ ବାଟିକା ପ୍ରମୁଖ ପ୍ରବାସିନୀ ତରାଇ, ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କଣ୍ଢେଇ ଶିଶୁ ମନରେ ଉତ୍ସାହ ଓ ଉଦିପନା ଜାଗ୍ରତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଗୁରୁମା ରଶ୍ମିତା ବେହେରା ଅତିଥି ପରିଚୟ ଦେଇଥିବା ବେଳେ ଗୁରୁମା ପ୍ରସନ୍ନା ବେହେରା କୃତଜ୍ଞତା ଜ୍ଞାପନ କରିଥିଲେ। ତତ ସହିତ କଣ୍ଢେଇ ଷ୍ଟଲ ପରିବେଷଣ କରି ସାମିଲ ହୋଇଥିବା ଶିଶୁ ଭାଇ ଭଉଣୀ ମାନଙ୍କୁ କିଛି ମାର୍ଗ ଦର୍ଶନ ଦେଇଥିଲେ। ଶିବିରକୁ ପରିଚାଳନାରେ ଗୁରୁଜୀ ରିଣ୍ଟୁ ପ୍ରଧାନ, ରବୀନ୍ଦ୍ର ମହାରଣା, କୈଳାସ ଚନ୍ଦ୍ର ନାୟକ, ବି ପ୍ରକାଶ ପାତ୍ର, ଗୁରୁମା ରୀନା ମାନସିଂହ, ରଶ୍ମିତା ତରାଇ ଓ ଅଭିଭାବକ ଅଭିଭାବିକା ତଥା ମାଉସୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ବୁଗୁଡ଼ା, (ସବ୍ୟୁ) : ବୁଗୁଡା ବ୍ଲକ ବାଲିପଦର ମାତୃଗିରିସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ନାରାୟଣ ସାମନ୍ତରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ବାଲିପଦର ପଞ୍ଚାୟତ ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଫାଣ୍ଡି ଅଧିକାରୀ ସମୀର କୁମାର ବେହେରା, ପ୍ରକାଶ ଚନ୍ଦ୍ର ପାତ୍ର, ଲକ୍ଷ୍ମୀ ପ୍ରସାଦ ନାୟକ, ପ୍ରଜ୍ଞାଶ୍ରୀ ଅଚାରୀ, ସଞ୍ଜିବ କୁମାର ପାତ୍ର, ରାଜେନ୍ଦ୍ର ମହାରଣା, ସମ୍ବିତ୍ ପାତ୍ର, ବାଳକୃଷ୍ଣ ଦୋରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ଅଧକ୍ଷା ନୟନୀ ମହାରଣା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ରାସ୍ତା ସମସ୍ୟାରୁ ଆସିଲାନି ଆମ୍ବୁଲାନ୍ସ
# ଖଟିଆରେ ବୁହା ହେଲେ ମହିଳା



ବାଲିଗୁଡା, (ସବ୍ୟୁ): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକର ଦୁର୍ଗମ ଅଞ୍ଚଳ ଗଦାପୁର ପଞ୍ଚାୟତ ନିଲାକ୍ଲିଉଠାରୁ ସିକବାଡ଼ିକୁ ସବୁଦିନିଆ ପକ୍କା ରାସ୍ତାଟିଏ ନାହିଁ । ଯାହା ଫଳରେ ଉକ୍ତ ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କୁ ଭାର ସାହାଯ୍ୟରେ ପ୍ରାୟ ୩ କିମି ରାସ୍ତା ବୋହି ନିଆଯାଇ ଥିବା ବିଷୟ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି ।

ଘଟଣାରୁ ପ୍ରକାଶ ଯେ, ନିଲାକ୍ଲିଉ ଗ୍ରାମର ଗର୍ଭବତୀ ମହିଳା ଶିବାଜିନି ମୁଠାମାଝିଙ୍କୁ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ପରିବାର ଲୋକ ଓ ଗ୍ରାମବାସୀ ଏକ ଭାର ସାହାଯ୍ୟରେ ଗଦାପୁରକୁ ଆଣିବା ପାଇଁ ପ୍ରାୟ ୩ କିମି ପାହାଡିଆ ଜଙ୍ଗଲ ରାସ୍ତାରେ ବୋହି ଆଣିଥିଲେ । ଗୋଟିଏ ପଟେ ଶିବାଜିନିଙ୍କ ପ୍ରସବ ଯନ୍ତ୍ରଣା ଯୋଗୁ ଚିତ୍କାର କରୁଥିବା ବେଳେ ଅତି ଦୟନୀୟ ଅବସ୍ଥାରେ ତାଙ୍କୁ କୌଣସି ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଉଥିବା ଭିଡିଓ ଭାଇରାଲ ହେଉଛି । ତେବେ ଏହି ଗର୍ଭବତୀ ମହିଳା ଜଣକ ଆଉ କିଏ ନୁହଁନ୍ତି, ଗର୍ଭବତୀ ମହିଳାଙ୍କୁ ସବୁବେଳେ ସହାୟତା କରୁଥିବା ଆଶାଦିଦି । ଯାହାକି ଅଞ୍ଚଳରେ ଏହାକୁ ନେଇ ଉଦବେଗ ଦେଖାଯାଇଛି । ଘଟଣାଟି ମଙ୍ଗଳବାର ଭୋର ସମୟର ବୋଲି କୁହାଯାଉଛି । ନିଲାକ୍ଲିଉ ଗ୍ରାମର ଶିବାଜିନି ଆଶା ଦିଦି ଭାବେ ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି । ତେବେ ସେ ନିଜେ ଗର୍ଭବତୀ ଥିବାରୁ ମଙ୍ଗଳବାର ପ୍ରସବ ଯନ୍ତ୍ରଣା ହୋଇଥିଲା । ତାଙ୍କ ଅଞ୍ଚଳରେ ଭଲ ରାସ୍ତାଟିଏ ନଥିବା ବେଳେ ମୋବାଇଲ ଟାୱାର ମଧ ନାହିଁ । ଫଳରେ ତାଙ୍କୁ ୩ କିମି ବୋହିକି ନେବା ପରେ ଶିକବାଡିଠାରୁ ଏକ ଅଟୋ ଯୋଗେ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ତାଙ୍କର ପ୍ରସବ ସୁରୁଖୁରୁରେ ହୋଇଥିଲା ଓ ପରେ ଡାକ୍ତର ଶିବାଜିନିଙ୍କୁ ଘରକୁ ପଠାଇ ଦେଇଥିଲେ । କେବଳ ଶିବାଜିନି ନୁହଁନ୍ତି, ଏଭଳି ଅଞ୍ଚଳରେ ଅନେକ ମହିଳା ପ୍ରସୂତି ପାଇଁ ହଟହଟା ଭୋଗୁଥିବା ଉକ୍ତ ଅଞ୍ଚଳର ଜିଲା ପରିଷଦ ସଦସ୍ୟା ଦୀପିକା ମାଝି କହିଛନ୍ତି । ଶିବାଜିନିଙ୍କ ସ୍ୱାମୀ ଦିଅପିଲ ମାଝି ମଧ ସରକାରଙ୍କୁ ନିବେଦନ କରିଛନ୍ତି ଯେ, ତାଙ୍କ ଗ୍ରାମକୁ ପକ୍କା ରାସ୍ତା ଟିଏ କରାଯାଉ । ଯେମିତି ତାଙ୍କ ସ୍ତ୍ରୀ ଯେମିତି କଷ୍ଟ ପାଇଲେ ଆଉ କେହି ଯେମିତି ସେଭଳି କଷ୍ଟ ନ ପାଆନ୍ତୁ ।

# ହ୍ୟାଣ୍ଡବଲ ଜାତୀୟ ଚାମ୍ପିଅନସିପ ଖେଳିବେ
# ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଛାତ୍ର

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ନବୀଶ ଶେଖ ମହମ୍ମଦ କଏସ ଜାତୀୟ ଜୁନିଅର ହ୍ୟାଣ୍ଡବଲ ଚାମ୍ପିଅନସିପରେ ଖେଳିବେ। ମଧ୍ୟପ୍ରଦେଶ ଇନ୍ଦୋର ଷ୍ଟାଡିଅମରେ ୨୩ ତାରିଖ ଶନିବାର ହେବାକୁ ଥିବା ଏହି ପ୍ରତିଯୋଗୀତାରେ ଓଡିଶା ଜୁନିଅର ଦଳର ସଦସ୍ୟ ଭାବେ ଶେଖ କଏସ ମନୋନୀତ ହୋଇଛନ୍ତି। ଶେଖ କଏସ ଆଜି ଓଡିଶା ଦଳର ସଦସ୍ୟ ଭାବେ ମଧ୍ୟପ୍ରଦେଶ ଯାତ୍ରା କରୁଥିବା ଜଣାଯାଇଛି। ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧକ୍ଷ ଇଂ କୃଷ୍ଣଚନ୍ଦ୍ର ରାଉତ, ଟ୍ରେନିଂ ଅଫିସର ରଞ୍ଜନ କୁମାର ଜେନା, ପ୍ରତିଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ଓ ଭଦ୍ରକ ହ୍ୟାଣ୍ଡବଲ ଆସୋସିଏସନର ସମ୍ପାଦକ ସିରାଜୁଦ୍ଦିନ ଖାଁ ଶେଖ କଏସଙ୍କ ସଫଳତା କାମନା କରିବା ସହ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଗତ ଫେବୃୟାରୀ ୧୦ ତାରିଖରେ ରାଜ୍ୟ ଦଳ ଚୟନ ପାଇଁ କଟକ ସାଲେପୁର ଏକାମ୍ର ରସୁଲ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ପ୍ରତିଯୋଗୀତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭଣ୍ଡାରିପୋଖରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରୁ ୧୧ ଜଣ ନବୀଶ କ୍ରୀଡା ଶିକ୍ଷକ ଶେଖ ଗୋଲାପଙ୍କ ତତ୍ତ୍ୱାଧାନରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଶେଖ କଏସ ରାଜ୍ୟ ଜୁନିଅର ଦଳ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏହି ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ କାର୍ଯ୍ୟକ୍ଷମ ହେବା ପରେ ପ୍ରଥମ ଥର ପାଇଁ ଜଣେ ଶିକ୍ଷା ନବୀଶ ଜାତୀୟ କ୍ରୀଡାରେ ପ୍ରତିଷ୍ଠାନରୁ ପ୍ରତିନିଧିତ୍ୱ କରୁଥିବା ଜଣାଯାଇଛି।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ଦୁଇଦିନିଆ ବୈଷୟିକ ଶିକ୍ଷା କର୍ମଶାଳା




ବ୍ରହ୍ମପୁର, (ସବ୍ୟୁ): ସହର ଉପକଣ୍ଠ ଗୋଳନ୍ଥରା ନିକଟରେ ଥିବା ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଦୁଇ ଦିନିଆ ବୈଷୟିକ ଶିକ୍ଷା କର୍ମଶାଳା ଉଦଘାଟିତ ହୋଇଯାଇଛି । ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ଡ ସୁକାନ୍ତ କିଶୋର ମହାପାତ୍ର, ଶିକ୍ଷାନୁଷ୍ଠାନ ଭାରପ୍ରାପ୍ତ କୁଳପତି ଡ. ପି ରାଜେଶ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଏସସର ମୀନମେଟ ଲିମିଟେଡ଼ର ସିଇଓ ଶଶୀ ଶେଖର ମହାନ୍ତି, ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ତରଫରୁ ପୁରସ୍କାରପ୍ରାପ୍ତ ଯୁବ ବୈଜ୍ଞାନିକ ରିଂକେଶ ବିଷ୍ଣୁ କୁରକୁରେ, ସମ୍ମାନୀତ ଅତିଥି ଭାବେ ଓଡିଶା ଆଇଏସଟିଇର ଅଧକ୍ଷ ଡ ପ୍ରଭାତ କୁମାର ପାଢ଼ୀ ଏବଂ ଅନୁରାଗ ଅଗ୍ରୱାଲ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ ।

ସେହିପରି ଅନ୍ୟମାନଙ୍କ ମଧରେ ସଙ୍କଳ୍ପର ପରାମର୍ଶଦାତା ଅଧାପକ ପ୍ରଫେସର ମିଟୁ ବରାଳ, ଛାତ୍ର ସଭାପତି ଆଦିତ୍ୟ କୁମାର ସାହୁ, ଛାତ୍ର ସଚିବ ବି. ସଂଜୀବ ରେଞ୍ଜୀ ଏବଂ ଛାତ୍ର କୋଷାଧକ୍ଷା ରିଚା ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି ଅବସରରେ କଲେଜ ପରିସରରେ ବିଭିନ୍ନ ପ୍ରକାରର ବୈଷୟିକ ପଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି ପଦର୍ଶନୀରେ ଏନସିଏସ କ୍ଲବ, ଇଏଚସି କ୍ଲବ, ଏଡି, ଇନୋଭା, ୟୁରେକା, ଏନଏସି, ଏନଏସଏସ, ଏନସି ସି, ଆରଇସି, ଏକ୍ସଏଲ, ମଲ୍ଟିମିଡିଆ, ଡ୍ୟାନ୍ସ, କେଟ, ଗୁଗୁଲ, ଫୋଟ ଫ୍ଲକ୍ସ, ମ୍ୟାନେଜେମେଣ୍ଟ ପରି ବହୁ କ୍ଲବ ଅଂଶ ଗ୍ରହଣ କରିଥିଲେ। ସେହିପରି ବୈଷୟିକ ଶିକ୍ଷା ସହିତ ଆସିଥିବା ଛାତ୍ରଛାତ୍ରୀଙ୍କ ମନୋରଞ୍ଜନ ପାଇଁ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଚଳିତ ବର୍ଷ ନିଷ୍ଟ ବୈଷୟିକ ଶିକ୍ଷାନୁଷ୍ଠାନର ୧୫ ଶହରୁ ଉର୍ଦ୍ଧ ବିଦ୍ୟାର୍ଥୀଙ୍କ ସମେତ ବହୁ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀ ଯୋଗ ଦେଇଥିଲେ । ସେହିପରି ଉଦଯାପନୀ ସନ୍ଧ୍ୟାରେ ପ୍ରସିଦ୍ଧ ଗାୟକ କପୂର ସହିତ ରାଞ୍ଚି ର ଡିଜେ ଫୈଜାନ ଖାଁ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି ।

ଏ କାର୍ଯ୍ୟକ୍ରମରେ ପ୍ରଶାସନ ମୁଖ୍ୟ ସୟଦ ସୁଲେମାନ ଅଲି, ଭାରପ୍ରାପ୍ତ କୁଳସଚିବ ଡ଼ ବିଷ୍ଣୁକର ନାୟକ, ପ୍ର ସ୍ୱାଧୀନ ମିଶ୍ର, ଡ଼ ମାନବେନ୍ଦ୍ର ପାତ୍ର, ଆକାଙ୍କ୍ଷ୍ୟା ପଟନାୟକ, ଡ଼ ପ୍ରୀତି ରଞ୍ଜନ ସାହୁ, ଡ. ରତିକାନ୍ତ ନାୟକ, ଡ଼ ଅଶ୍ୱିନୀ କୁମାର ଖୁଣ୍ଟିଆ, ଡ଼ ଅଶ୍ୱିନୀ କୁମାର ନାୟକ, ପ୍ର ପୁର୍ନେନ୍ଦୁ ମିଶ୍ର, ପ୍ର ହରିକୃଷ୍ଣ ଗନ୍ତାୟତ, ପ୍ର ଏମ. ରାଜେନ୍ଦ୍ର କୁମାର, ଡ଼ ସୁବ୍ରତ କୁମାର ଭୂୟାଁ, ଡ଼ ସୁଶାନ୍ତ ସାହୁ, ପ୍ର ସରୋଜ ପାଢ଼ୀ, ମିନାକ୍ଷୀ ଦାଶ, ପିତାମ୍ବର ସାହୁ, ଚିନି ନରେଶ, ପ୍ରଭୁଦତ୍ତ ମିଶ୍ର, ସନ୍ତୋଷ ସାହୁ, ଗୋପବନ୍ଧୁ ଉତ୍ତରକବାଟ, ସୁନୀଲରେ ଇତ୍ୟାଦି ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଅନୁଷ୍ଠାନର ସମସ୍ତ ଅଧାପକ ଅଧାପିକା ଓ ଛାତ୍ର ଛାତ୍ରୀ ମାନେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ ।

# ଟିପିଏନ୍‌ଓଡିଏଲ ପକ୍ଷରୁ ୩୨ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ନିରନ୍ତର ଭାବେ ନିର୍ଦ୍ଧାରିତ ସମୟ ସୀମାରେ ସମ୍ପୂର୍ଣ୍ଣ ବିଦ୍ୟୁତ୍ ବିଲ୍ ପ୍ରଦାନ କରି ରିବେଟ୍ ପାଉଥିବା ଉପଭୋକ୍ତା ମାନଙ୍କ ପାଇଁ ଟିପିଏନଓଡିଏଲ ପକ୍ଷରୁ ଏକ ଅଭିନବ ପ୍ରୟାସ ଭାବରେ ବାରିପଦା ଇଲେକ୍ଟ୍ରିକାଲ ଡିଭିଜନର ୩୨ଜଣ ଉପଭୋକ୍ତାଙ୍କୁ ଲକି ଡ୍ର ମାଧ୍ୟମରେ ବକ୍ତାପାଇଁ ଆଣ୍ଡ୍ରଏଡ୍ ମୋବାଇଲ୍ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍ୱାରା ନଗଦ ବିଲ୍ ପ୍ରଦାନକାରୀ ଉପଭୋକ୍ତାଙ୍କ ମନବଳ ବୃଦ୍ଧି ଏବଂ ଏଥିସହିତ ଅନ୍ୟ ଗ୍ରାହକ ମାନଙ୍କୁ ପ୍ରେରଣା ଯୋଗାଇବାରେ ସାହାଯ୍ୟ କରିବ ।

ବାରିପଦା ସହର ସ୍ଥିତ ଇଲେକ୍ଟ୍ରିକାଲ ସାର୍କଲ, ଟିପିଏନଓଡିଏଲ ରେ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଥିଲା । ଉକ୍ତ ଉତ୍ସବରେ ଟିପିଏନଓଡିଏଲର ହରିସ କୁମାର ପଣ୍ଡା, କାହ୍ନୁ ଚରଣ ସର୍ଦ୍ଦାର, ଶଶି ଶେଖର, ଗୌରହରି ମଣ୍ଡଳ, ଶୁଶିଲ କୁମାର ପରିଡା, ଭବାନୀ ପ୍ରସାଦ ବେହେରା ଓ ମୃତ୍ୟୁଞ୍ଜୟ ଦେ ପ୍ରମୁଖ ସହ ଗ୍ରାହକ ସେବା ସମ୍ପର୍କିତ ଅଧିକାରୀ ସନ୍ଦୀପ କୁମାର ଶର୍ମା, ବିଷ୍ଣୁପ୍ରିୟା ସାହୁ ଓ ସୋରଜ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

